**Khabara, Bhubaneshwar, September 07, 2010**

# ଟିସିଏସ୍ ଆଇଟି କ୍ୱିଜ୍‌ରେ ବିଜେବି ଜୁନିୟର କଲେଜର ଶିକ୍ଷାର୍ଥୀ

ଭୁବନେଶ୍ୱର, (ନି.ପ୍ର): ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ((ଟିସିଏସ୍) ଦ୍ୱାରା ଆୟୋଜିତ ଆଇଟି କ୍ୱିଜ୍ ପ୍ରତିଯୋଗିତାର ଆଞ୍ଚଳିକ ପର୍ଯ୍ୟାୟର ଫାଇନାଲ୍‌ରେ ଭୁବନେଶ୍ୱରର ବିଜେବି ଜୁନିୟର କଲେଜର ଛାତ୍ର ଶ୍ରେଣୀ



ତ୍ରାସିକ୍ ସଳଦ୍ ଓ ପରତାପ ସିଂ ଶ୍ରେଷ୍ଠତ୍ୱ ହାସଲ କରିଛନ୍ତି। ପ୍ରଥମ ରନର୍ସଅପ୍ ଭାବେ ମଦର ପବ୍ଲିକ୍ ସ୍କୁଲର ଅଭିଜିତ୍ ମହାନ୍ତି ଓ ଚିନ୍ମୟ ଡି'ଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପ୍ରତିଯୋଗୀଦ୍ୱୟଙ୍କୁ ଲାପ୍‌ଟପ୍ ଓ ଟ୍ରଫି ପ୍ରଦାନ କରାଯାଇଛି। ବିଜେବି କଲେଜର ଏହି ଶ୍ରେଷ୍ଠ ପ୍ରତିଯୋଗୀ ଦ୍ୱୟ ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଟାଟା କନ୍‌ସଲଟାନ୍ସି ସର୍ଭିସ୍‌ର କେନ୍ଦ୍ର ମୁଖ୍ୟ ମନୋଜ ପଣ୍ଡା କହିଛନ୍ତି। ଆଞ୍ଚଳିକ ପର୍ଯ୍ୟାୟରେ ଦେଶର ୧୨ଟି ସହରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଆଞ୍ଚଳିକ ପର୍ଯ୍ୟାୟର ଶ୍ରେଷ୍ଠ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ଜାତୀୟ ଗଣିତ ପ୍ରୟୋଗ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ସ୍ୱାଧୀନ ଆନନ୍ଦ ପଟ୍ଟନାୟକ, ଇ-ଗଭର୍ଣ୍ଣାନ୍ସର ନିର୍ଦ୍ଦେଶକ ପ୍ରଦୀପ ରାଉତ ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।